## ସଂକ୍ଷେପରେ

### ଜଙ୍ଗଲରୁ ବୃଦ୍ଧଙ୍କ ଗଳିତ ମୃତଦେହ ଜବତ

■୨୮ରୁ ନିଖୋଜ ଥିଲେ
■ହାତୀ ଆକ୍ରମଣରେ ମୃତ୍ୟୁ ସନ୍ଦେହ

**କାମାକ୍ଷାନଗର,୧୧।୩(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ବିଜାସାହି ଜଙ୍ଗଲରୁ ଜଣେ ବୃଦ୍ଧଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ କୋଟଗରା ପଞ୍ଚାୟତର ଶୁକଦେବ ପ୍ରଧାନ (୭୬)। ଗତ ଫେବୃଆରୀ ୨୮ରେ କାମାକ୍ଷାନଗରର ଏକ ବ୍ୟାଙ୍କରୁ ଭତ୍ତା ଟଙ୍କା ନେବାକୁ ଆସି ସେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଶନିବାର କେତେଜଣ ଲୋକ ଜଙ୍ଗଲରେ ଏକ ଗଳିତ ଶବ ପଡ଼ିଥିବା ଦେଖି ପୋଲିସକୁ ସୂଚନା ଦେଇଥିଲେ। ପରିବାର ଲୋକେ ପହଞ୍ଚି ଚିହ୍ନଟ କରିବା ପରେ ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯାଇଥିଲା। ହାତୀ ଆକ୍ରମଣରେ ଶୁକଦେବଙ୍କ ମୃତ୍ୟୁ ଘଟିଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡୁଛି। ତେବେ ବ୍ୟବଚ୍ଛେଦ ରିପୋର୍ଟରୁ ଏହା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ଟ୍ରାକ୍ଟର ଚାଳକଙ୍କୁ ଆକ୍ରମଣ

**ଭୁବନ, ୧୧।୩(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ଭୁବନ ଥାନା ଶ୍ୟାମଳ ଗ୍ରାମର ଟ୍ରାକ୍ଟର ଚାଳକ ଲକ୍ଷ୍ମଣ ସିଂ (୨୬)ଙ୍କୁ ଶନିବାର ଅପରାହ୍ନରେ ମରଣାନ୍ତକ ଆକ୍ରମଣ ହୋଇଛି। ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୭୫/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଲକ୍ଷ୍ମଣ ବାଘମାରୀ ଗ୍ରାମରୁ ଖତ ନେଇ ଶ୍ୟାମଳ ଆସୁଥିବାବେଳେ ଜୟପୁର ଗ୍ରାମର ସନ୍ତୋଷ ମଲ୍ଲିକ (୩୫) ଏବଂ ମନ ମାଝି (୩୦) ଏକ ବାଇକ୍‌ରେ ଆସି ତାଙ୍କୁ ଅଟକାଇ ଟଙ୍କା ଦାବି କରିଥିଲେ। ପ୍ରତିବାଦ କରିବାରୁ ଭୁଜାଲିରେ ଡାହାଣ ହାତ ଏବଂ ପେଟକୁ ଆକ୍ରମଣ କରି ୩,୭୦୦ ଟଙ୍କା ଛଡ଼ାଇ ନେଇଥିଲେ। ଲକ୍ଷ୍ମଣ ଭୁବନ ମେଡିକାଲରେ ଚିକିତ୍ସିତ ହେବା ପରେ ଥାନାରେ ଅଭିଯୋଗ କରିଛନ୍ତି।



ଥାଇଲାଣ୍ଡ ବରକୋଳି।



ଫାର୍ମରେ ହୋଇଥିବା ମକାଚାଷ।

# କମାଣି ଦେଉଛି କୋଳି

■ଅନ୍ୟ ପାଇଁ ପ୍ରେରଣା ଶକ୍ତି ମା' ବାଉତୀ ଏସ୍ଏଚ୍‌ଜି
■ଚାଷ ପ୍ରତି ରହିଥିବା ଝୁଙ୍କ୍ କରିଛି ଆତ୍ମନିର୍ଭରଶୀଳ
■ୟୁଟ୍ୟୁବ୍ ଜ୍ଞାନକୁ କାର୍ଯ୍ୟରେ ଲଗାଇ ହୋଇଛନ୍ତି ସଫଳ

**ଗଛରେ ଭର୍ତ୍ତି ହୋଇଛି ଲାଲ୍ ଟହଟହ ବରକୋଳି। ହୃଷ୍ଟପୁଷ୍ଟ କଦଳୀ, ଆମ୍ବ, ମକା, ଟମାଟୋ ଗଛ ଦେଖିଲେ କୁଣ୍ଢମୋଟ ହୋଇଯାଉଛି ଛାତି। ହେଲେ ସଫଳ ଚାଷର ଏହି ଯାତ୍ରା ଜମାରୁ ନ ଥିଲା ସହଜ। ନା ଥିଲା ନିଜସ୍ୱ ଜମି। ନା କେହି ଥିଲେ ଦେବାକୁ ପରାମର୍ଶ। ନିଜ ପାଇଁ ନିଜେ ନ୍ୟାୟରେ ୟୁଟ୍ୟୁବ୍‌କୁ ଜ୍ଞାନଗୁରୁ କରି ଆରମ୍ଭ କରିଥିବା ଉଦ୍ୟମ ଆଜି ନେଇଛି ବାସ୍ତବ ରୂପ। ପରିଶ୍ରମର ମୂଲ୍ୟ ମିଳିଛି। ଥାଇଲାଣ୍ଡ ବେରି, ସଙ୍କରଜାତୀୟ କଦଳୀ, ଅମୃତଭଣ୍ଡା ଭଲ କମାଣି ଦେଉଛି। ଯେକୌଣସି କାମରେ ନିଷ୍ଠା ରହିଲେ ପ୍ରତିଷ୍ଠିତ ହେବାକୁ ସମୟ ଲାଗିବ ନାହିଁ, ତାହାକୁ ପ୍ରମାଣ କରି ଦେଖାଇଛନ୍ତି ମା' ବାଉତୀ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା।**

**ଢେଙ୍କାନାଳ ଅଫିସ, ୧୧।୩**

ଚାଷ ପ୍ରତି ଥିବା ଝୁଙ୍କ୍ ଢେଙ୍କାନାଳ ସଦର ବ୍ଲକ କାଇମାଟିପଞ୍ଚାୟତ ବାଉତୀବେରେଣା ଗ୍ରାମର ଶକ୍ତି ମା' ବାଉତୀ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି)କୁ ଦେଇଛି ନୂଆ ପରିଚୟ। ୧୧ଜଣ ସଦସ୍ୟଙ୍କ ନିଷ୍ଠାପର ଉଦ୍ୟମରେ ୧୦ ଏକର ଜମିରେ ଛିଡ଼ା ହୋଇଛି ଫଳ ଓ ପରିବା ବଗିଚା। ଚାଷରେ ଏକାଧିକ ସମସ୍ୟା ସେମାନଙ୍କ ପଥରେ ପ୍ରତିବନ୍ଧକ ସାଜିଛି ସତ, ହେଲେ ଦୃଢ଼ ମନୋବଳ ମାଧ୍ୟମରେ ସେସବୁର ସମାଧାନ କରିପାରିଛନ୍ତି ସେମାନେ। ଅଧିକ ସରକାରୀ ସହାୟତା, ପ୍ରୋତ୍ସାହନ ଏବଂ ମାର୍ଗଦର୍ଶନ ମିଳିଲେ ଆଗକୁ ବଢ଼ିବା ଲାଗି ସୁବିଧା ହୁଅନ୍ତା ବୋଲି ଗୋଷ୍ଠୀର ମହିଳା କୃଷି ଉଦ୍ୟୋଗୀମାନେ ଆଶାବ୍ୟକ୍ତ କରିଛନ୍ତି।

ଢେଙ୍କାନାଳ ସହରଠାରୁ ମାତ୍ର ୧୦ କିଲୋମିଟର ଦୂର ଢେଙ୍କାନାଳ-କପିଳାସ-ଯୋରନ୍ଦା ରାସ୍ତାର କୁକୁଡ଼ାଝର ନିକଟରେ ୧୦ ଏକର ଲିଜ୍ ଜମିରେ ବିଭିନ୍ନ କିସମର ଫଳ ପରିବା ଚାଷ କରିଛନ୍ତି ମା' ବାଉତୀ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ। ୩ ଏକରରେ ଥାଇଲାଣ୍ଡ କୋଳି, ୪ ଏକରରେ ଦୁଇ ପ୍ରକାର କଦଳୀ ଏବଂ ଅବଶିଷ୍ଟ ଜମିରେ ଅମୃତଭଣ୍ଡା, ମକା, ବିଲାତି ବାଇଗଣ ଚାଷ କରିଛନ୍ତି। ଏହାକୁ ବାଦ୍‌ଦେଲେ ଉନ୍ନତ କିସମର ୧ ଲକ୍ଷ ଆମ୍ବଚାରା ମଧ୍ୟ ପ୍ରସ୍ତୁତ କରିଛନ୍ତି। ତେବେ ଥାଇଲାଣ୍ଡ ବରକୋଳି ହିଁ ସେମାନଙ୍କୁ ଆଣିଦେଇଛି ପ୍ରସିଦ୍ଧି। ୟୁଟ୍ୟୁବରୁ ଥାଇ ବରକୋଳି ଚାଷ ଦେଖିବା ପରେ ଏହାକୁ ଜମିରେ ଉତ୍ପାଦନ କରିବାକୁ ମନ ବଳାଇଥିଲେ ଗୋଷ୍ଠୀ ସଦସ୍ୟା। ଜଣେ ମୁସଲମାନ ବ୍ୟକ୍ତିଙ୍କ ସହଯୋଗରେ ପଶ୍ଚିମବଙ୍ଗ ସୀମାନ୍ତ ମୁର୍ଶିଦାବାଦ ଅଞ୍ଚଳରୁ ୩,୦୦୦ ଚାରା ଆଣି ଲଗାଇଥିଲେ। ତନ୍ମଧ୍ୟରେ ରହିଛି କଶ୍ମୀର କୋଳି, ବଲ ସୁନ୍ଦରୀ ଏବଂ ଭାରତୀ ସୁନ୍ଦରୀ ପ୍ରଜାତିର ଥାଇ ବରକୋଳି। ଏହା ଦେଖିବାକୁ ଯେତିକି ସୁନ୍ଦର, ଖାଇବାକୁ ସେତିକି ସ୍ୱାଦିଷ୍ଟ ମଧ୍ୟ। ଏବେ ବଜାରରେ କେଜି ପିଛା ଏହାର ଦର ରହିଛି ୮୦ ଟଙ୍କା। ଗତ ନଭେମ୍ବରରେ ଥାଇ ବରକୋଳିରେ ୭ ଲକ୍ଷ ୨୨ ହଜାର ଟଙ୍କା ବିନିଯୋଗ କରିଥିଲେ ଗୋଷ୍ଠୀ ସଦସ୍ୟ। ୪ ଲକ୍ଷ ଟଙ୍କା ଲାଭ ହୋଇଥିଲା। ସେହିପରି ଗତ ସିଜନ୍‌ରେ ୧୫୦ କୁଇଣ୍ଟାଲ କୋଳି ଫଳିଥିଲା। ଫାର୍ମରୁ ଉତ୍ପାଦିତ କୋଳି ଏବଂ କଦଳୀ ନେବାକୁ ଝାରସୁଗୁଡ଼ା, ଅନୁଗୋଳ, ଆଠଗଡ଼, ଢେଙ୍କାନାଳ, ଗଁଦିଆ, କାମାକ୍ଷାନଗର ଅଞ୍ଚଳର ବ୍ୟବସାୟୀ ବିଶେଷ ଆଗ୍ରହ ଦେଖାଉଛନ୍ତି। ସେହିପରି ବ୍ୟବସାୟିକ ଦୃଷ୍ଟିରୁ ଢେଙ୍କାନାଳର ପ୍ରସିଦ୍ଧ ଦଶେରୀ ଓ ଆମ୍ରପଲି ଆମ୍ବ ଚାରା କଲମୀ କରି ବିକ୍ରି ପାଇଁ ଯୋଜନା କରିଛନ୍ତି ସେମାନେ। ହାତୀ ଉପଦ୍ରୁତ ଅଞ୍ଚଳ ହୋଇଥିବାରୁ ଫସଲକୁ ସୁରକ୍ଷା ଦେବାକୁ ସୋଲାର ଫ୍ୟାନ୍‌ସିଂ ବ୍ୟବସ୍ଥା କରିଛନ୍ତି।

ଅପରପକ୍ଷେ ଫାର୍ମରେ ମାଛଚାଷ ଲାଗି ଆବଶ୍ୟକ ଜମି ଥିଲେ ମଧ୍ୟ ସରକାରୀ ପ୍ରୋତ୍ସାହନ ମିଳୁ ନ ଥିବା ଅଭିଯୋଗ କରିଛନ୍ତି ଗୋଷ୍ଠୀ ସଦସ୍ୟ। ଫଳ ପ୍ୟାକିଂ ପାଇଁ ସ୍ୱତନ୍ତ୍ର ଘର, ଖରାଦିନେ ପାଣି ସମସ୍ୟାର ସମାଧାନ ଲାଗି ବୋରୱେଲ୍ ଖନନ ଲାଗି ଆବଶ୍ୟକ ସରକାରୀ ସହାୟତା ଯୋଗାଇଦେଲେ ଅଧିକ ଲାଭବାନ ହୋଇପାରନ୍ତେ ବୋଲି କହିଛନ୍ତି ଗୋଷ୍ଠୀର ସଭାନେତ୍ରୀ ବୀଣାପାଣି ସାହୁ, ସମ୍ପାଦିକା ଶର୍ମିଳା ସାହୁ, ସଦସ୍ୟା କଳ୍ପନା ସାହୁ, ସୈରେନ୍ଦ୍ରୀ ସାହୁ, ଜ୍ୟୋତିର୍ମୟୀ ସାହୁ, ଅର୍ଚ୍ଚନା ସାହୁ, ମୀନତି ସାହୁ, ବିଷ୍ଣୁପ୍ରିୟା ସାହୁ, ବୀଣାପାଣି ସାହୁ (ଖ), ମଞ୍ଜୁଲତା ସାହୁ, ମମତା ସାହୁ। ଏ ସଂକ୍ରାନ୍ତରେ ବିଡିଓ ସୁଧୀର କୁମାର ନାୟକ କୁହନ୍ତି, ସମ୍ପୃକ୍ତ ଗୋଷ୍ଠୀର ସଦସ୍ୟାମାନେ ସମସ୍ୟା ଆମ ନଜରକୁ ଆଣିନାହାନ୍ତି। ଲିଖିତ ଭାବରେ ଜଣାଇଲେ ମାଛ ଚାଷ ପାଇଁ ପୋଖରୀ ଏବଂ ବୋରୱେଲ ଖନନ ବ୍ୟବସ୍ଥା କରାଯିବ।

**ମାଛଚାଷ ଯୋଜନା ଅଛି**



ଥାଇଲାଣ୍ଡ କୋଳି ଚାଷରୁ ଲାଭ ହୋଇଛି। ଖର୍ଚ୍ଚ ମଧ୍ୟ ଉଠିଛି। ସରକାରଙ୍କ ପକ୍ଷରୁ ସହାୟତା ମିଳିଲେ ପୋଖରୀ ଖୋଳି ମାଛ ଚାଷ କରିବୁ ବୋଲି ଯୋଜନା କରିଛୁ।

-ଅର୍ଚ୍ଚନା ସାହୁ

**ପରିଶ୍ରମର ମୂଲ୍ୟ ମିଳିଛି**



ପରିଶ୍ରମର ମୂଲ୍ୟ ମିଳିଛି। ଆର୍ଥିକ ସ୍ଥିତି ଭଲ ନ ଥିଲେ ମଧ୍ୟ ଦୃଢ଼ ମାନସିକତା ଏଥିରେ ସହାୟକ ହୋଇପାରିଛି। ସରକାରୀ ସହାୟତା ମିଳିଲେ ଆହୁରି ଆଗେଇପାରିବୁ।

-ମିନତୀ ସାହୁ

**ପ୍ୟାକିଂ ହାଉସ୍ ଆବଶ୍ୟକ**



ଫଳ ରପ୍ତାନି କରିବା ଲାଗି ଏକ ପ୍ୟାକିଂ ହାଉସ୍ ଆବଶ୍ୟକ। ମାଛ ଚାଷ ପାଇଁ ସରକାର ଓ ପ୍ରଶାସନ ପକ୍ଷରୁ ସହଯୋଗ ମିଳିଲେ ଏହା ମଧ୍ୟ କରିବାକୁ ଲକ୍ଷ୍ୟ ରଖିଛୁ।

-ଶର୍ମିଳା ସାହୁ

## 'ସୁସ୍ଥ ସମାଜ ଗଠନରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

**ଢେଙ୍କାନାଳ ଅଫିସ, ୧୧।୩**

ଢେଙ୍କାନାଳ ଆଇନ ମହାବିଦ୍ୟାଳୟ ପରିସରରେ ବିଶ୍ୱ ମହିଳା ଦିବସ ସପ୍ତାହ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। 'ସମାଜରେ ନାରୀର ଭୂମିକା' ଶୀର୍ଷକ ଆଲୋଚନାଚକ୍ରକୁ କଲେଜ ଅଧ୍ୟକ୍ଷ ଡ. ପ୍ରତାପରୁଦ୍ର ମହାପାତ୍ର ଉଦ୍‌ଘାଟନ କରି କହିଲେ, ସୁସ୍ଥ ସମାଜ ଗଠନରେ ନାରୀମାନଙ୍କ ପ୍ରମୁଖ ଭୂମିକା ରହିଛି। ମହିଳାଙ୍କ ତ୍ୟାଗ, ଆଦର୍ଶ, କର୍ତ୍ତବ୍ୟ, ସାହସ ଓ ସହଯୋଗ ପ୍ରଶଂସନୀୟ। ବରିଷ୍ଠ ଅଧ୍ୟାପକ ଡ. ହରିହର ସାହୁ, ଜ୍ଞାନେନ୍ଦ୍ର ମିଶ୍ର, ଡ. ଅମରେନ୍ଦ୍ର ତାରେଣିଆ, ପ୍ରିୟଦର୍ଶିନୀ ସାମନ୍ତରାୟ, ଡ. ବିଭୁରଞ୍ଜନ ପଟ୍ଟନାୟକ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। କର୍ମଚାରୀ ଉତ୍ତମ ରାଉତ, ପର୍ଶୁରାମ ମିଶ୍ର, ନୀରଦ ଆଚାର୍ଯ୍ୟ, ଦୀପ୍ତିମୟୀ ରାଉତ, ରୀନାରାଣୀ ମହାନ୍ତି, ଜୟନ୍ତୀ ସାହୁ, ଭରତ ସାହୁ, ସୋନୁ ମହମ୍ମଦ, ପଞ୍ଚାନନ ଦେହୁରୀ, ହିରଣ୍ୟ ନାୟକ, ମାନସ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ। ଅନିତା ରାଉତ, ଆର୍. ଶୁଚିସ୍ମିତା, ପ୍ରୀତିପର୍ଣ୍ଣା ମିଶ୍ର, ସସ୍ମିତା ସାମଲ, ଦେବସ୍ମିତା ସାହୁ, ଗୋପାଳ ଭୂଷଣ ସାହୁ, ଅଟଳ ବିହାରୀ ନାଥ, ବଜରଙ୍ଗ ଅଗ୍ରୱାଲ ପ୍ରମୁଖ ବହୁ ଛାତ୍ରୀଛାତ୍ର ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ଅଧ୍ୟାପକ ଜ୍ଞାନେନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ପୂର୍ବତନ କଲେଜ ଅଧ୍ୟକ୍ଷ ଗିରଫ

■ଜାଲ୍ ପ୍ରମାଣପତ୍ର ଦେଇ ହାତେଇଥିଲେ ପଦବୀ
■୪ ଲକ୍ଷ ଟଙ୍କା ଆତ୍ମସାତ୍ ଅଭିଯୋଗ ଆସିଥିଲା

**ଢେଙ୍କାନାଳ ଅଫିସ, ୧୧।୩**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ବୀରାଶାଳା ଆଞ୍ଚଳିକ ଡିଗ୍ରୀ କଲେଜର ପୂର୍ବତନ ଅଧ୍ୟକ୍ଷ ଅଟଳ ବିହାରୀ ବାରିକ ଗିରଫ ହୋଇଛନ୍ତି। ତାଙ୍କ ବିରୋଧରେ ଜାଲ ପ୍ରମାଣପତ୍ର ଦେଇ ଅଧ୍ୟକ୍ଷ ପଦବୀ ହାତେଇବା ଏବଂ ଶିକ୍ଷାନୁଷ୍ଠାନର ୪ ଲକ୍ଷ ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଥିଲା। ଦୀର୍ଘ ୫ବର୍ଷ ହେଲା ସେ ପୋଲିସ ଆଖିରେ ଧୂଳିଦେଇ ଫେରାର ଥିଲେ। ଯାଜପୁର ଜିଲା ସୁକିନ୍ଦା ଥାନା ବରଡ଼ିସ୍ଥିତ ନିଜସ୍ୱ ଘରେ ଆତ୍ମଗୋପନ କରି ରହିଥିବା ସୂଚନା ପାଇ ଶନିବାର ଏକ ପୋଲିସ ଟିମ୍ ଚଢ଼ାଉ କରି ତାଙ୍କୁ ଗିରଫ କରିଛି।

ସୂଚନାଯୋଗ୍ୟ, ବୀରାଶାଳା ଆଞ୍ଚଳିକ ଡିଗ୍ରୀ କଲେଜରେ ୨୦୦୮ରୁ ୨୦୧୮ ଯାଏ ଅଧ୍ୟକ୍ଷ ପଦବୀରେ ରହିଥିଲେ ଅଟଳବିହାରୀ। ସେ ଛତିଶଗଡ଼ର ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର (ପିଜି) ପାସ୍ କରିଥିବା କହି ଜାଲ ପ୍ରମାଣପତ୍ର ଦାଖଲ କରି କଲେଜ ଅଧ୍ୟକ୍ଷ ପଦବୀକୁ କରାୟତ୍ତ କରିଥିଲେ। କେବଳ ଏତିକି ନୁହେଁ, ଶିକ୍ଷାନୁଷ୍ଠାନର ଉନ୍ନୟନ ବାବଦ ବହୁ ଲକ୍ଷ ଟଙ୍କା ଆତ୍ମସାତ୍ କରିଥିବା ନେଇ ତାଙ୍କ ସହକର୍ମୀ ଏବଂ ଛାତ୍ରୀଛାତ୍ର କାମାକ୍ଷାନଗର ଉପଖଣ୍ଡ ଦାୟିତ୍ୱରେ ଥିବା ସେତେବେଳର ଉପଜିଲାପାଳ କଳ୍ପତରୁ ବେହେରାଙ୍କ ନିକଟରେ ଅଭିଯୋଗ କରିଥିଲେ। ତତ୍କାଳୀନ ଜିଲାପାଳ ବେହେରା ସୂଚନା ଅଧିକାର ଆଇନ ବଳରେ ଏ ସଂକ୍ରାନ୍ତ ତଥ୍ୟ ଲୋଡ଼ିଥିବା ବେଳେ ହସ୍ତଗତ ହୋଇଥିବା ସୂଚନାରୁ ଅଭିଯୋଗ ସତ୍ୟ ବୋଲି ପ୍ରମାଣିତ ହୋଇଥିଲା। ଏହାପରେ ଅଟଳବିହାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଙ୍କଡ଼ାହାଡ଼ ଥାନାରେ ଏକ ମାମଲା (ନଂ ୫୧/୧୮) ରୁଜୁ କରାଯାଇଥିଲା। ଏହାପରେ ଦୀର୍ଘ ୫ବର୍ଷ ହେଲା ଅଭିଯୁକ୍ତ ଫେରାର ଥିଲେ। ପୋଲିସ ତାଙ୍କୁ ଧରିବା ଲାଗି ବିଭିନ୍ନ ସମୟରେ ଚଢ଼ାଉ ଜାରି ରଖିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳୁ ନ ଥିଲା। ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ରଙ୍କ ନିର୍ଦ୍ଦେଶରେ ଏସ୍‌ଡିପିଓ ରଞ୍ଜନ କୁମାର ଦେଙ୍କ ନେତୃତ୍ୱରେ ଥାନାଧିକାରୀ ନିର୍ମଳା ଗୋଚ୍ଛାୟତ ଏବଂ ଅନ୍ୟ ପୋଲିସ କର୍ମଚାରୀମାନେ ଶନିବାର ତାଙ୍କୁ ବରଡ଼ିସ୍ଥିତ ବାସଭବନରୁ ଗିରଫ କରିଥିଲେ। ଅଭିଯୁକ୍ତଙ୍କୁ ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଗୋଚ୍ଛାୟତ ସୂଚନା ଦେଇଛନ୍ତି।



ଅଭିଯୁକ୍ତ ଅଟଳ ବିହାରୀ ବାରିକ।

## 'ଓଡ଼ିଆ ଭାଷାର କମ୍ପ୍ୟୁଟରୀକରଣ ହେଉ'




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ଢେଙ୍କାନାଳ ଅଫିସ, ୧୧।୩**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଶନିବାର ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ରୁଦ୍ରନାରାୟଣ ମହାପାତ୍ର ଯୋଗଦେଇ ଓଡ଼ିଆ ଭାଷାର କମ୍ପ୍ୟୁଟରୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ତଥା ସମାଲୋଚକ ଡ. ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଲିଖନ ଓ ପଠନ ବେଳେ ଓଡ଼ିଆ ଭାଷାର ସୁଦ୍ଧତା ରକ୍ଷା କରିବା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ପ୍ରଶାସନିକ ଅଧିକାରୀ ଡ. ଦେବାଶିଷ ମହାନ୍ତି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ବିକାଶ ଲାଗି ରହିଥିବା ଯୋଜନାଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥିଲେ। କଲେଜ ଅଧ୍ୟକ୍ଷ ପ୍ରଫେସର ରଞ୍ଜିତ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ବିଭାଗୀୟ ମୁଖ୍ୟ ଶୁଭ୍ରକାନ୍ତ ପାଣି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପାଠଚକ୍ର ସମ୍ପାଦିକା ନିକିତା ମହାରଣା ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଅଧ୍ୟାପକ ରଶ୍ମିରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଲୋକ ଅଦାଲତ: ୧୬୭୩ ମାମଲା ଫଇସଲା

**ଢେଙ୍କାନାଳ ଅଫିସ,୧୧।୩**

ଢେଙ୍କାନାଳ ଜିଲାର ବିଭିନ୍ନ କୋର୍ଟରେ ଶନିବାର ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ମୋଟ ୧୬୭୩ଟି ମାମଲାର ଫଇସଲା କରାଯାଇଛି। ତନ୍ମଧ୍ୟରେ ୧୨ଟି ଦୁର୍ଘଟଣାଜନିତ, ୬ ପାରିବାରିକ ମାମଲା, ୬ ଦେୱାନି ମାମଲା, ୧୬୪୯ ରାଜସ୍ୱ ମାମଲା ରହିଛି। ଦୁର୍ଘଟଣାଜନିତ ପ୍ରାପ୍ୟ ବାବଦକୁ ୬୬ଲକ୍ଷ ୪୫ହଜାର ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଜରିମାନା ଏବଂ ବ୍ୟାଙ୍କ ଋଣ ଫଇସଲା ବାବଦକୁ ୬ ଲକ୍ଷ ୩ ହଜାର ୩୨୦ ଟଙ୍କା ଆଦାୟ କରାଯାଇଛି। ଜିଲା ଦୌରାଜଜ୍ ତଥା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଢେଙ୍କାନାଳ ସିଭିଲ୍ କୋର୍ଟ ପରିସରରେ ଆୟୋଜିତ ଲୋକ ଅଦାଲତରେ ପାରିବାରିକ ଅଦାଲତ ବିଚାରପତି ସୂର୍ଯ୍ୟନାରାୟଣ ଦ୍ୱିବେଦୀ, ଅତିରିକ୍ତ ଜିଲା ଜଜ୍ ଡ. ଜୀବନଜ୍ୟୋତି ରଥ, ବରିଷ୍ଠ ଦେୱାନି ବିଚାରପତି ଶତରୂପା ଶତପଥୀ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସୁଧାଶ୍ରୀ ସୁଲଝଲିଆ, ଗାର୍ଗୀ ରାୟ ପ୍ରମୁଖ ବିଭିନ୍ନ ଅଦାଲତରେ ମାମଲାଗୁଡ଼ିକର ପରିଚାଳନା କରିଥିଲେ। ସିଭିଲ କୋର୍ଟ ରେଜିଷ୍ଟ୍ରାର ଅଳକାନନ୍ଦା ମହାନ୍ତି ଉପସ୍ଥିତ ଥିଲେ। ପ୍ରାଧିକରଣ ସଚିବ ତଥା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତ ବିଚାରପତି ମମିତା ସାହୁ ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତକୁ ପରିଚାଳନା କରିଥିଲେ। ପ୍ରାଧିକରଣ ପ୍ୟାନେଲ ଲୟର, ପାରାଲିଗାଲ ଭଲ୍ୟୁଣ୍ଟିୟରଙ୍କ ସମେତ ପ୍ରାଧିକରଣ ଓ ସିଭିଲକୋର୍ଟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



ଏକ ମାମଲାର ସମାଧାନ କରାଯାଉଛି।

## ବଦଳିବ ଜନଜାତି ସଂଗ୍ରହାଳୟ କଳେବର

**ଭିତ୍ତିଭୂମି ବିକାଶ ପାଇଁ ପ୍ରସ୍ତୁତି ଆରମ୍ଭ**

**ଢେଙ୍କାନାଳ ଅଫିସ, ୧୧।୩**

ଢେଙ୍କାନାଳରେ ଥିବା ଜିଲାର ଏକମାତ୍ର ଜନଜାତି ସଂଗ୍ରହାଳୟର କଳେବର ବଦଳିବ। ପର୍ଯ୍ୟଟକ, ଛାତ୍ରୀଛାତ୍ରଙ୍କୁ ଆକର୍ଷିତ କରିବା ଲାଗି ଏଠାରେ ଆବଶ୍ୟକ ଭିତ୍ତିଭୂମିର ବିକାଶ କରାଯିବ। ଏଥିଲାଗି ଜିଲା ପ୍ରଶାସନ ପକ୍ଷରୁ ନୀଳନକ୍ସା ପ୍ରସ୍ତୁତ କରାଯାଇଥିବାବେଳେ ନିକଟରେ ଜିଲାପାଳ ସରୋଜ କୁମାର ସେଠୀ ଏହାର ସମୀକ୍ଷା କରିଛନ୍ତି।

ଢେଙ୍କାନାଳ ବଳରାମ ମନ୍ଦିର ନିକଟରେ ଥିବା ଜନଜାତି ସଂଗ୍ରହାଳୟ ଆଦିମ ଜନଜାତିଙ୍କ କାହାଣୀ ବଖାଣୁଛି। ଏଠାରେ ପ୍ରଦର୍ଶିତ ହେଉଛି ଜିଲାର ବିଭିନ୍ନ ଆଦିବାସୀ ସମ୍ପ୍ରଦାୟ ବ୍ୟବହାର କରୁଥିବା ବାଦ୍ୟଯନ୍ତ୍ର, ପାରମ୍ପରିକ ଅସ୍ତ୍ରଶସ୍ତ୍ର, ବେଶ ପୋଷାକ, ବାଉଁଶ ତିଆରି ମାଛଧରା ଉପକରଣ, ମାଟିପାତ୍ର ସମେତ ସେମାନେ ଦୈନନ୍ଦିନ ବ୍ୟବହାର କରୁଥିବା ଉପକରଣ। ଏଥିସହ ମୁଣ୍ଡାଘର, ସାନ୍ତାଳୀ ଘର, ଜୁଆଙ୍ଗ ଘରର ନମୁନା ମଧ୍ୟ ରହିଛି। ବନବାସୀଙ୍କ ଜନଜୀବନର ଗହନ କଥା ଜାଣିବା ଲାଗି ବିଭିନ୍ନ ସମୟରେ ଏଠାକୁ ଆସିଥାଆନ୍ତି ପର୍ଯ୍ୟଟକ, ଗବେଷକ ଏବଂ ଛାତ୍ରୀଛାତ୍ର। ତେଣୁ ଏହାକୁ ଜନଜାତି ଶିକ୍ଷା ସାଧନ କେନ୍ଦ୍ର ବୋଲି କୁହାଯାଉଛି। ଶିକ୍ଷା ବିଭାଗ ପରିଚାଳନାରେ ଥିବା ଏହି ସଂଗ୍ରହାଳୟକୁ ନୂଆ ରୂପ ଦେବାକୁ ବିଭିନ୍ନ ସମୟରେ ଦାବି ହୋଇ ଆସୁଥିଲା। ବିଳମ୍ବରେ ହେଲେ ବି ଏଥିପ୍ରତି ପ୍ରଶାସନ ଆଗ୍ରହ ଦେଖାଇଛି। ଏହାକୁ ଆକର୍ଷଣୀୟ କରିବା ଲାଗି ଆବଶ୍ୟକ ପଦକ୍ଷେପ ନିଆଯିବ। ଫଳରେ ଢେଙ୍କାନାଳ ଜିଲାରେ କେଉଁ ଆବହମାନ କାଳରୁ ରହି ଆସୁଥିବା ଜନଜାତି ବର୍ଗଙ୍କ ଜୀବନ ଜୀବିକା ସମ୍ପର୍କରେ ଏବେକାର ପିଢ଼ି ଜ୍ଞାନ ଆହରଣ କରିପାରିବେ।

ଚଳିତ ସପ୍ତାହରେ ଜିଲାପାଳ ସେଠୀ ସଂଗ୍ରହାଳୟ ପରିଦର୍ଶନ କରିବା ସହ ଏହାର ବିକାଶ ପାଇଁ କିପରି ଭିତ୍ତିଭୂମି ପ୍ରସ୍ତୁତ ହେବ ସେ ସମ୍ପର୍କରେ ସମୀକ୍ଷା କରିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ମୁଖ୍ୟ କାର୍ଯ୍ୟନିର୍ବାହୀ ତନ୍ମୟ କୁମାର ଦରୱାନ, ଜିଲା ସମନ୍ୱୟ ଓ ପରିସଂଖ୍ୟାନ ବିଭାଗ ଉପନିର୍ଦ୍ଦେଶକ ସରୋଜ କୁମାର ସେଠୀ, ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଖୁବ୍‌ଶୀଘ୍ର ଜନଜାତି ସଂଗ୍ରହାଳୟକୁ ନୂଆ ରୂପ ଦିଆଯିବ। ଫଳରେ ଏଠାକୁ ଅଧିକ ପର୍ଯ୍ୟଟକ ଆସିବା ଲାଗି ଆଗ୍ରହୀ ହେବେ ବୋଲି ଜିଲା ଶିକ୍ଷାଧିକାରୀ ସୂଚନା ଦେଇଛନ୍ତି।



ଜନଜାତି ସଂଗ୍ରହାଳୟରେ ଜିଲାପାଳ, ଜିଲା ଶିକ୍ଷାଧିକାରୀଙ୍କ ସମେତ ଅନ୍ୟମାନେ।

# ODISHA PUBLIC SERVICE COMMISSION
## CUTTACK
## NOTICE

**No. 2715/PSC, Dt. 10.03.23**
**(DR-IV) (2PH-07-2022-23)**

**No. D-343:-** It is for information of all provisionally qualified candidates relating to recruitment for the post of **Medical Officers** (**Assistant Surgeon**), pursuant to Advertisement No. 11 of 2022-23 that the Document Verification will commence from **16.03.2023 to 21.03.2023** as per the following programme.
The candidates are required to reach the office of OPSC at 19, Dr. P. K. Parija Road, Cuttack - 753001, **30 minutes before** the commencement of document verification as per the scheduled programme.

**PROGRAMME FOR VERIFICATION OF ORIGINAL CERTIFICATES/DOCUMENTS**

| Date of verification | Time of verification | Roll Nos. of candidates to be verified | Team to verify |
|---|---|---|---|
| 16.03.2023 | 10.00 A.M. To 12.00 P.M. | 100002, 100005, 100006, 100009, 100012, 100014, 100015, 100016, 100018, 100021, 100022, 100025, 100026, 100027, 100029 **= 15 candidates** | Team - I |
| | | 100032, 100033, 100035, 100036, 100038, 100039, 100042, 100043, 100044, 100045, 100046, 100048, 100049, 100050, 100052 **= 15 candidates** | Team - II |
| | | 100053, 100060, 100061, 100062, 100064, 100068, 100069, 100072, 100073, 100075, 100077, 100079, 100080, 100082, 100084 **= 15 candidates** | Team - III |
| | | 100086, 100088, 100089, 100091, 100092, 100093, 100095, 100099, 100103, 100104, 100106, 100107, 100110, 100113, 100114 **= 15 candidates** | Team - IV |
| | 12.000 P.M. To 01.30 P.M. | 100116, 100117, 100118, 100119, 100121, 100127, 100130, 100131, 100133, 100136, 100137, 100138, 100139, 100140, 100142 **= 15 candidates** | Team-I |
| | | 100143, 100144, 100146, 100147, 100148, 100150, 100152, 100153, 100155, 100156, 100162, 100163, 100164, 100166, 100168 **= 15 candidates** | Team - II |
| | | 100169, 100170, 100173,100174, 100176, 100178, 100180, 100186, 100188, 100190, 100192, 100194, 100195, 100198, 100200 **= 15 candidates** | Team-III |
| | | 100201, 100204, 100208, 100209, 100211, 100214, 100215, 100216, 100217, 100220, 100221, 100222, 100223, 100224, 100228 **= 15 candidates** | Team-IV |
| | 02.30 P.M. To 04.00 P.M. | 100231, 100232, 100233, 100234, 100235, 100237, 100238, 100239, 100241, 100242, 100244, 100246, 100248, 100249, 100250 **= 15 candidates** | Team-I |
| | | 100252, 100253, 100255, 100256, 100257, 100259, 100260, 100262, 100263, 100264, 100266, 100267, 100269, 100271, 100273 **= 15 candidates** | Team - II |
| | | 100276, 100277, 100281, 100282, 100283, 100286, 100287, 100289, 100290, 100291, 100292, 100293, 100295, 100297, 100298 **= 15 candidates** | Team-III |
| | | 100299, 100300, 100301, 100302, 100303, 100304, 100305, 100306, 100308, 100313, 100314, 100316, 100317, 100320, 100322 **= 15 candidates** | Team-IV |
| | 04.00 P.M. To 05.30 P.M. | 100323, 100324, 100325, 100330, 100331, 100333, 100334, 100335, 100336, 100337, 100339, 100342, 100343, 100344, 100345 **= 15 candidates** | Team-I |
| | | 100347, 100349, 100351, 100355, 100356, 100357, 100360, 100363, 100364, 100365, 100366, 100367, 100371, 100375, 100376 **= 15 candidates** | Team - II |
| | | 100377, 100385, 100386, 100388, 100389, 100390, 100392, 100393, 100394, 100399, 100401, 100402, 100403, 100405,100408 **= 15 candidates** | Team-III |
| | | 100410, 100411, 100412, 100413, 100415, 100416, 100417, 100418, 100419, 100422, 100424, 100425, 100428, 100429, 100431 **= 15 candidates** | Team-IV |
| 17.03.2023 | 10.00 A.M. To 12.00 P.M. | 100432, 100434,100435, 100439, 100440, 100443, 100445, 100447, 100451, 100452, 100453, 100454, 100455, 100457, 100460, 100461, 100467, 100468 **= 18 candidates** | Team-I |
| | | 100469, 100472, 100473, 100474, 100484, 100485, 100487, 100488, 100494, 100496, 100497, 100498, 100502, 100505, 100508, 100509, 100511,100513 **= 18 candidates** | Team - II |
| | | 100514, 100515, 100517, 100518, 100521, 100522, 100523, 100524, 100526, 100528, 100529, 100531, 100535, 100537, 100541, 100543, 100544 **= 17 candidates** | Team-III |
| | | 100545, 100547, 100549,100550, 100551, 100552, 100553, 100554, 100556, 100557, 100558, 100559, 100560, 100562, 100564, 100565,100566 **= 17 candidates** | Team-IV |
| | 12.00 P.M. To 01.30 P.M. | 100567, 100568, 100569, 100571, 100573, 100574, 100575, 100579, 100580, 100581, 100582,100583, 100584, 100586, 100587 **= 15 candidates** | Team-I |
| | | 100588, 100589, 100591, 100593, 100595, 100597, 100599, 100600, 100601, 100602, 100604, 100605, 100607, 100608, 100609 **= 15 candidates** | Team - II |
| | | 100610, 100611, 100612, 100613, 100614, 100616, 100617, 100618, 100619, 100625, 100627, 100628, 100629, 100631, 100633 **= 15 candidates** | Team-III |
| | | 100634,100637,100639, 100642, 100643, 100644, 100645,100646, 100647, 100649, 100650, 100653, 100654, 100655, 100656 **= 15 candidates** | Team-IV |
| | 02.30 P.M. To 04.00 P.M. | 100657, 100664, 100666, 100667, 100669, 100672, 100675, 100676, 100677, 100678, 100679, 100680, 100682, 100683, 100684 **= 15 candidates** | Team-I |
| | | 100685, 100687, 100688, 100689, 100690, 100691, 100692, 100696, 100698, 100699, 100700, 100701, 100702, 100703, 100705 **= 15 candidates** | Team - II |
| | | 100707, 100708, 100709, 100710, 100711, 100712, 100716, 100717, 100719, 100720, 100721, 100723, 100729, 100730, 100731 **= 15 candidates** | Team-III |
| | | 100733, 100734, 100736, 100737, 100739, 100741, 100743, 100744, 100745, 100746, 100749, 100750, 100751, 100753, 100755 **= 15 candidates** | Team-IV |
| | 04.00 P.M. To 05.30 P.M. | 100756, 100758, 100759, 100760, 100761, 100762, 100763, 100767, 100769, 100770, 100773, 100774, 100775, 100779,100780 **= 15 candidates** | Team-I |
| | | 100781, 100782, 100783, 100786, 100787, 100788, 100789, 100790, 100792, 100793, 100794, 100795, 100797, 100798, 100800 **= 15 candidates** | Team - II |
| | | 100803, 100806, 100807, 100810, 100811, 100813, 100814, 100815, 100818, 100819, 100823, 100825, 100830, 100831, 100832 **= 15 candidates** | Team-III |
| | | 100833, 100834, 100835, 100836, 100838, 100839, 100840, 100841, 100842, 100843, 100844, 100845, 100846, 100848, 100849 **= 15 candidates** | Team-IV |
| 18.03.2023 | 10.00 A.M. To 12.00 P.M. | 100850, 100855, 100856, 100858, 100860, 100861, 100864, 100866, 100867, 100868, 100869, 100870, 100871, 100872, 100873, 100874,100876, 100877 **= 18 candidates** | Team-I |
| | | 100880,100881, 100882, 100883, 100884, 100886, 100890, 100893, 100896, 100900, 100901, 100902, 100904, 100906, 100907, 100908, 100909 **= 17 candidates** | Team-II |
| 18.03.2023 | 10.00 A.M. To 12.00 P.M. | 100911, 100912, 100913, 100914, 100916, 100917, 100918, 100919, 100920, 100921, 100922, 100924, 100925, 100926, 100928, 100932, 100934, 100940 **= 18 candidates** | Team-III |
| | | 100947, 100948, 100951, 100952, 100955, 100957, 100959, 100960, 100961, 100963, 100965, 100966, 100967, 100968, 100969, 100973, 100974 **= 17 candidates** | Team-IV |
| | 12.00 P.M. To 01.30 P.M. | 100975, 100976, 100977, 100978, 100979, 100981, 100983, 100984, 100989, 100990, 100992, 100994, 100998, 100999, 101000 **= 15 candidates** | Team-I |
| | | 101001, 101003, 101007, 101008, 101009, 101010, 101012, 101015,101016, 101017, 101018, 101024, 101026,101030,101031 **= 15 candidates** | Team-II |
| | | 101037, 101039, 101041, 101042, 101044, 101045, 101046, 101047, 101049, 101051, 101055, 101056, 101057, 101061, 101062 **= 15 candidates** | Team-III |
| | | 101067, 101069, 101072, 101073, 101074, 101075, 101076,101077, 101079, 101080, 101082, 101089, 101091, 101092, 101094 **= 15 candidates** | Team-IV |
| | 02.30 P.M. To 04.00 P.M. | 101096, 101099,101100, 101101, 101102, 101103, 101107, 101108, 101109, 101111, 101112, 101115, 101118, 101123, 101127 **= 15 candidates** | Team-I |
| | | 101130, 101131, 101132, 101135, 101136, 101137, 101139, 101140, 101141, 101142, 101143, 101144, 101147, 101151, 101152 **= 15 candidates** | Team-II |
| | | 101153, 101155, 101156, 101159, 101160, 101161, 101162, 101163, 101166, 101167, 101168, 101169, 101170, 101171, 101176 **= 15 candidates** | Team-III |
| | | 101179, 101180, 101183, 101184, 101185, 101186, 101187, 101192, 101193, 101194, 101195, 101200,101201, 101202, 101206 **= 15 candidates** | Team-IV |
| | 04.00 P.M. To 05.30 P.M. | 101213, 101215, 101216, 101218, 101219, 101220, 101222, 101224, 101227, 101228, 101229, 101230, 101231, 101232, 101234 **= 15 candidates** | Team-I |
| | | 101235, 101236, 101237, 101241, 101242, 101244, 101246, 101247, 101248, 101249, 101251,101252, 101253, 101254, 101255 **= 15 candidates** | Team-II |
| | | 101256, 101257, 101260, 101261, 101262, 101264, 101265, 101266, 101267, 101269, 101271, 101273, 101274, 101276, 101277 **= 15 candidates** | Team-III |
| | | 101281, 101284, 101287, 101288, 101289, 101291,101292, 101294, 101296, 101299, 101300, 101301, 101302, 101303, 101304 **= 15 candidates** | Team-IV |
| 19.03.2023 | 10.00 A.M. To 12.00 P.M. | 101305, 101306, 101308, 101309, 101310, 101311, 101312, 101313, 101315, 101317, 101318, 101319, 101320, 101321, 101323, 101325, 101326 = **17 candidates** | Team-I |
| | | 101328, 101329, 101331, 101332, 101335, 101336, 101338, 101341, 101342, 101343, 101344, 101345, 101347, 101354, 101355, 101356, 101357 **= 17 candidates** | Team-II |
| | | 101358, 101360, 101362, 101363, 101366, 101367, 101374, 101375, 101376, 101377, 101378, 101381, 101382, 101383, 101385, 101386, 101389, 101390 **= 18 candidates** | Team-III |
| | | 101393, 101394, 101401, 101402, 101403, 101404, 101405, 101406, 101409, 101410, 101412, 101414, 101415, 101416, 101417, 101418, 101419, 101421 **= 18 candidates** | Team-IV |
| | 12.00 P.M. To 01.30 P.M. | 101422, 101431, 101432, 101433, 101434, 101437, 101439, 101440, 101444, 101445, 101446, 101449, 101450, 101451, 101453 **= 15 candidates** | Team-I |
| | | 101454, 101455, 101458, 101460, 101462, 101464, 101466, 101467, 101468, 101469, 101471, 101472, 101475, 101476, 101477 **= 15 candidates** | Team-II |
| | | 101480, 101485, 101487, 101488, 101489, 101491, 101493, 101494, 101496, 101497, 101499, 101500, 101501, 101503, 101505 **= 15 candidates** | Team-III |
| | | 101506, 101507, 101508, 101509, 101512, 101513, 101514, 101517, 101519, 101520, 101521, 101522, 101525, 101527, 101528 **= 15 candidates** | Team-IV |
| | 02.30 P.M. To 04.00 P.M. | 101530, 101531, 101533, 101534, 101535, 101536, 101537, 101538, 101539, 101542, 101543, 101544, 101545, 101547, 101548 **= 15 candidates** | Team-I |
| | | 101550, 101552, 101553, 101556, 101561, 101563, 101565, 101566, 101567, 101570, 101574, 101575, 101576, 101577, 101578 **= 15 candidates** | Team-II |
| | | 101579, 101580, 101582, 101583, 101584, 101588, 101589, 101590, 101593, 101595, 101596, 101599, 101602, 101603, 101604 **= 15 candidates** | Team-III |
| | | 101605, 101608, 101611, 101616, 101620, 101621, 101622, 101623, 101624, 101625, 101626, 101629, 101630, 101635, 101639 **= 15 candidates** | Team - IV |
| | 04.00 P.M. To 05.30 P.M. | 101640, 101641, 101642, 101643, 101644, 101647, 101648, 101649, 101651, 101652, 101654, 101657, 101658, 101661, 101662 **= 15 candidates** | Team - I |
| | | 101663, 101664, 101666, 101667, 101669, 101672, 101673,101675, 101676, 101677, 101679, 101680, 101681, 101684, 101685 **= 15 candidates** | Team - II |
| | | 101686, 101688, 101689, 101690, 101691, 101692, 101693, 101694, 101695, 101696, 101697, 101698, 101701, 101703, 101704 **= 15 candidates** | Team - III |
| | | 101705, 101709, 101710, 101712, 101714, 101715, 101716, 101717, 101720, 101722, 101724, 101728, 101730, 101733, 101736 **= 15 candidates** | Team-IV |
| 20.03.2023 | 10.00 A.M. To 12.00 P.M. | 101738, 101739, 101740,101742, 101743, 101744, 101745, 101746, 101747, 101749, 101751, 101752, 101754, 101756, 101757, 101758, 101759 **= 17 candidates** | Team-I |
| | | 101763, 101764, 101765, 101766, 101767, 101768, 101769, 101770, 101771, 101772, 101779, 101782, 101783, 101786, 101788, 101789, 101790, 101791 **= 18 candidates** | Team - II |
| | | 101792, 101793, 101794, 101796, 101799, 101800, 101801, 101802, 101803, 101804, 101806, 101807, 101808, 101813, 101815, 101816,101817 **= 17 candidates** | Team-III |
| | | 101818, 101820, 101821, 101826, 101827, 101828, 101829, 101830, 101831, 101834, 101835, 101836, 101838, 101839, 101840, 101842, 101845, 101646 **= 18 candidates** | Team-IV |
| | 12.00 P.M. To 01.30 P.M. | 101850, 101851, 101852, 101853, 101854, 101856, 101857, 101858, 101859, 101860, 101861, 101862, 101863, 101864, 101865 **= 15 candidates** | Team-I |
| | | 101866, 101871, 101872, 101873, 101874, 101875, 101880, 101884, 101885, 101886, 101888, 101889, 101891, 101892, 101893 **= 15 candidates** | Team-II |
| | | 101895, 101897, 101899, 101900, 101902, 101905, 101906, 101907, 101908, 101909, 101911, 101916, 101919, 101921, 101924 **= 15 candidates** | Team-III |
| | | 101925, 101926, 101931, 101932, 101934, 101936, 101938, 101939, 101940, 101944, 101945, 101947, 101948, 101949, 101953 **= 15 candidates** | Team-IV |
| | 02.30 P.M. To 04.00 P.M. | 101956, 101957, 101959, 101960, 101961, 101962, 101963, 101964, 101965, 101966, 101967, 101968, 101970,101971, 101973 **= 15 candidates** | Team-I |
| | | 101974, 101977, 101979, 101981,101982, 101983, 101984, 101985, 101986, 101988, 101991, 101992, 101993, 101995, 101996 **= 15 candidates** | Team-II |
| 20.03.2023 | 02.30 P.M. To 04.00 P.M. | 101997, 102000, 102001, 102002, 102003, 102006, 102009, 102010, 102012, 102016, 102017, 102019, 102020, 102022, 102024 **= 15 candidates** | Team-III |
| | | 102027, 102028, 102029, 102030, 102033, 102036, 102037, 102039,102041, 102042, 102043, 102044, 102046, 102047, 102048 **= 15candidates** | Team-IV |
| | 04.00 P.M. To 05.30 P.M. | 102049, 102050, 102051, 102052,102053, 102055,102060, 102065, 102066, 102068, 102069, 102075, 102076, 102077, 102079 **= 15 candidates** | Team-I |
| | | 102080, 102081, 102083, 102084,102085, 102086, 102089, 102092, 102093, 102094, 102096, 102097, 102098, 102100, 102103 **= 15 candidates** | Team-II |
| | | 102104, 102105, 102107, 102109, 102110, 102112, 102114, 102115, 102118, 102119, 102120, 102127, 102128, 102129, 102130 **= 15 candidates** | Team-III |
| | | 102131, 102135, 102136, 102137, 102140, 102141, 102142, 102143, 102144, 102145, 102146, 102147, 102148, 102151, 102152 **= 15 candidates** | Team-IV |
| 21.03.2023 | 10.00 A.M. To 12.00 P.M. | 102156, 102157, 102159, 102161, 102162, 102166, 102167, 102168, 102173, 102175, 102176, 102177, 102179, 102182, 102183, 102184, 102186, 102187 **= 18 candidates** | Team-I |
| | | 102188, 102189, 102190, 102193, 102194, 102196, 102197, 102200, 102201, 102202, 102203, 102207, 102208, 102210, 102211, 102214, 102215 **= 17 candidates** | Team-II |
| | | 102216, 102217, 102220, 102222, 102224, 102227, 102231, 102232, 102235, 102237, 102239, 102240, 102241, 102243, 102244, 102246, 102248 **= 17 candidates** | Team-III |
| | | 102250, 102251, 102253, 102256, 102257, 102259, 102262, 102264, 102265, 102266, 102267, 102268, 102269, 102271, 102272, 102276, 102277 **= 17 candidates** | Team-IV |
| | 12.00 P.M. To 01.30 P.M. | 102278, 102280, 102281, 102282, 102284, 102285, 102286, 102287, 102288, 102290, 102292, 102294, 102295, 102296, 102297 = **15 candidates** | Team-I |
| | | 102298, 102299, 102302, 102303, 102304, 102306, 102308, 102309, 102310, 102311, 102312, 102316, 102317, 102318, 102319 **= 15 candidates** | Team-II |
| | | 102320, 102323, 102325, 102326, 102327, 102328, 102329, 102332, 102334, 102336, 102337, 102338, 102339, 102340, 102341 **= 15 candidates** | Team-III |
| | | 102342, 102350, 102351, 102352, 102355, 102356, 102357, 102360, 102361, 102362, 102363, 102364, 102367, 102368, 102370 **= 15 candidates** | Team-IV |
| | 02.30 P.M. To 04.00 P.M. | 102371, 102372, 102375, 102376, 102377, 102378, 102382, 102383, 102384, 102386, 102387, 102389, 102390, 102391, 102392 **= 15 candidates** | Team-I |
| | | 102394, 102395, 102396, 102398, 102401, 102402, 102405, 102406, 102408, 102410, 102412, 102414, 102416, 102420, 102421 **= 15 candidates** | Team-II |
| | | 102422, 102423, 102424, 102425, 102426, 102427, 102429, 102430, 102431, 102433, 102434, 102436, 102437, 102438, 102439 **= 15 candidates** | Team-III |
| | | 102442, 102443, 102444, 102445, 102446, 102451, 102452, 102453, 102454, 102455, 102459, 102461, 102462, 102464, 102466 **= 15 candidates** | Team-IV |
| | 04.00 P.M. To 05.30 P.M. | 102467, 102468, 102470, 102471, 102472, 102481, 102482, 102484, 102485, 102486, 102487, 102489, 102490, 102493, 102494 **= 15 candidates** | Team-I |
| | | 102497, 102498, 102499, 102501, 102503, 102504, 102505, 102507, 102508, 102509, 102510, 102511, 102512, 102514, 102515 **= 15 Candidates** | Team-II |
| | | 102517, 102518, 102519, 102520, 102522, 102523, 102524, 102525, 102529, 102531, 102533, 102534, 102536, 102538, 102539 **= 15 candidates** | Team-III |
| | | 102541, 102545, 102546, 102548, 102549, 102552, 102553, 102554, 102558, 102560, 102563, 102564, 102576, 102578, 102579 **= 15 candidates** | Team-IV |

It is also made clear that the candidature of these candidates for the above recruitment is purely provisional. The candidature is liable to rejection in the event of inadequacy/ deficiency found at any stage before or after the verification of original certificates/documents and is subject to fulfilment of terms & conditions laid down in the Advertisement.

**THE CANDIDATES ARE REQUIRED TO SUBMIT THE FOLLOWING ORIGINAL CERTIFICATES ALONG WITH SELF ATTESTED PHOTO COPY OF THE FOLLOWING DOCUMENTS AT THE TIME OF VERIFICATION**

1. Hard copy of online application form **mentioning Roll No. at the TOP Right-Hand corner.** Application Forms are available in the website of the Commission. The candidates are required to download the same using their respective Username and Password/ OTP etc through Online Recruitment Management System via www.opscrecruitment.in.
2. **Three (03) passport size photographs tagged** with the Application Form.
3. **H.S.C. or Equivalent Certificate** in support of declaration of age.
4. **MBBS Degree Certificate and Marksheets** from any recognized University in India including fail marks.
5. **Conversion Certificate/ Conversion Formula** in case of award of grades/ credits/ hours in MBBS Degree.
6. **Housemanship/ Compulsory Rotatory Internship Completion Certificate issued within 27.01.2023.**
7. **Permanent Medical Registration Certificate** under the State of Odisha (OCMR) **issued within 27.01.2023.**
8. In case of **Medical Registration Certificate** issued **outside Odisha**, it must be **Issued within 27.01.2023**.
9. Required **Odia Test Pass Certificate** issued within **27.01.2023**.
10. Certificate relating to passing of the Screening Test conducted by the National Board of Examination as prescribed by the Medical Council of India vide Notification No. MCI-203(9) Regn.2001, dated 13.02,2002 for Medical Graduates passing out from a **Foreign University**;
11. **In-service/ Continuation Certificate** from the Competent Authority mentioning continuation in Government Service in case of in-service Government Doctors availing age relaxation.
12. **Caste Certificate by birth** in Support of claim as SCs/ STs/S.E.B.Cs (Please see and refer Note- 2 of the Advertisement) Issued within 27.01.2023.
13. **Recent SEBC Certificate** (issued within **28.01.2020 to 27.01.2023**), wherever applicable.
14. **Permanent Disability Certificate** indicating percentage of disability (i.e., **40% and more**) issued within 27.01.2023.
15. **Discharge Certificates** in case of Ex-Serviceman issued by the Commanding Officer of the Unit last served issued within 27.01.2023. Ex-Serviceman candidates must submit an affidavit undertaking that he has not been appointed against any civil post after retirement from military service.
16. **No Objection Certificate** issued by the Competent Authority in case of in-service candidates; wherever applicable.
17. **Any proof of photo Identity**.
18. **Attestation Form** duly filled-in by the candidate and signed by a Gazetted Officer (to be downloaded from the website of the Commission).
19. The candidates are required to mention **"Submitted by me"** and put their **full signature and data of verification on each Xerox copy** of documents.
20. Any other documents as per Para-10 of the Advertisement.
21. The candidates are required to fill up the Declaration Form enclosed herewith mentioning the marks secured by them in each professional examination (only the pass marks, not fail marks) and sign at the space provided with date of document verification.

OIPR - 12002/11/0289/2223 **Sd./- Secretary**

